ସକାଳ THE SAKALA



## କୋଟିଆ କମିଟିରେ ଜନ ପ୍ରତିନିଧିଙ୍କୁ ଅଣଦେଖା

# 'କୋଟିଆର ସମାଧାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଅନୁସରଣ କରନ୍ତୁ ରାଜ୍ୟ ସରକାର'

କୋରାପୁଟ,୨୬।୫(ସମିସ):




କୋଟିଆକୁ ନେଇ ଓଡିଶା-ଆନ୍ଧ୍ର ମଧ୍ୟରେ ଚାଲିଥିବା ୬୦ ବର୍ଷର ବିବାଦର କୌଣସି ସମାଧାନ ପନ୍ଥା ବାହାରି ପାରିନଥିବାବେଳେ ବର୍ତ୍ତମାନ ଓଡ଼ିଶା ସରକାର ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି। କମିଟିରେ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି, କୋରାପୁଟ ଜିଲ୍ଲାପାଳ ସଦସ୍ୟ ରହିଛନ୍ତି। କିନ୍ତୁ କମିଟିରେ ସ୍ଥାନୀୟ ସାଂସଦ, ବିଧାୟକ କିମ୍ବା ଅନ୍ୟ ଲୋକ ପ୍ରତିନିଧିଙ୍କୁ ସ୍ଥାନ ଦେଇ ନାହାଁନ୍ତି। କୋଟିଆର ଜନ ପ୍ରତିନିଧିଙ୍କୁ ଏଭଳି ଅଣଦେଖାକୁ ନେଇ ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କଡ଼ା ସମାଲୋଚନା କରିଛନ୍ତି। ଯେଉଁ ଅଞ୍ଚଳର ସମସ୍ୟା ଉପରେ କମିଟି ତର୍ଜମା କରି ସମାଧାନର ବାଟ ଫିଟାଇବ ସେହି ଅଞ୍ଚଳର ଲୋକ ପ୍ରତିନିଧିଙ୍କୁ ଅଣଦେଖା କରି ସଫଳତା ପାଇବା ଅସମ୍ଭବ ବୋଲି ଶ୍ରୀ କାଡାମ କହିଛନ୍ତି। ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅଣଦେଖା କରି ରାଜଧାନୀରେ ଶୀତ ତାପ ନିୟନ୍ତ୍ରିତ କକ୍ଷରେ ବସି ଶାସନ ଚଳାଉଥିବା ବାବୁ କ'ଣ ଏହାର ସମାଧାନ କରି ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟର ବିଜେପି ସରକାର ନିଜର ରାଜନୈତିକ ଉଦ୍ଦେଶ୍ୟ ହାସଲ ପାଇଁ ଏହି କମିଟି ଗଠନ କରିଥିବା ଶ୍ରୀକାଡାମ ଅଭିଯୋଗ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ରବିବାର କୋଟିଆରେ ଆୟୋଜିତ ହୋଇଥିଲା; କିନ୍ତୁ ପ୍ରଧାନମନ୍ତ୍ରୀ ନିଜ ବକ୍ତବ୍ୟରେ କୋଟିଆ ବ୍ୟତୀତ ସବୁ କହିଲେ, ହେଲେ କୋଟିଆର ନାଁ ଥରେ ମଧ୍ୟ ନନେବାରୁ ଲୋକେ ନିରାଶ ହୋଇଥିଲେ। ତେଣୁ ଏହା କେବଳ ବିଜେପିର ଏକ ପ୍ରହସନ ବୋଲି ସ୍ଥାନୀୟ ବିଧାୟକ ପ୍ରତିକ୍ରିୟା ରଖିଛନ୍ତି। ରାଜ୍ୟ ସରକାର ଯଦି କୋଟିଆ ସମସ୍ୟାର ସମାଧାନ ଚାହୁଁଛନ୍ତି, ତେବେ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ କମିଟିରେ ସାମିଲ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ସହ ସିଧା ସଳଖ ଆଲୋଚନା କରିବା ଆବଶ୍ୟକ ବୋଲି ବିଧାୟକ କାଡାମ କହିଛନ୍ତି। ଅନ୍ୟପକ୍ଷରେ କୋଟିଆର ସମାଧାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାକୁ ରାଜ୍ୟ ସରକାର ଅନୁସରଣ କରିବା ଉଚିତ ବୋଲି ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପୀତମ୍ ପାଢ଼ି ବକ୍ତବ୍ୟ ରଖିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ଜାନୁଆରୀ ୧୮ରେ ଆନ୍ଧ୍ର ପ୍ରଶାସନ ବେଆଇନ ଭାବେ କୋଟିଆରେ ଅନୁପ୍ରବେଶ କରିଥିଲା। ଆନ୍ଧ୍ର ପକ୍ଷରୁ ବିବାଦୀୟ ଗ୍ରାମ ଗୁଡିକରେ କଂକ୍ରିଟ ରାସ୍ତା, ସ୍କୁଲଗୃହ, ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ, ରାସନ କାର୍ଡ ପ୍ରଦାନ ସାଙ୍ଗକୁ ଗ୍ରାମବାସୀଙ୍କୁ ଭୋଟ ଦାନରେ ସାମିଲ କରିଥିଲା। ନିଜ ଅଞ୍ଚଳ ବୋଲି ଆନ୍ଧ୍ର ପ୍ରଦେଶ ଗଞ୍ଜେଇ ପଦର, କୋଟିଆ, ସିଡିୱାଲସା, ଉପରସେମ୍ବି, ତଳସେମ୍ବି, ଧୁଳିପଦର, ଆରକୁୱାଲସା, ନେରେଡିୱାଲସା, ତାଡିୱାଲସା, ମାର୍କାର, ବର୍ଣ୍ଣପାଡୁ, ଡଲିଆମ୍ବ, ଫଗୁଣ ସିନେରୀ, ଫାଟୁ ସିନେରୀ, ସଲପଗୁଡା, କର୍ଣ୍ଣଦୋରା, ହରମାଣ୍ଡିଙ୍ଗି, ମହିପାଣି, ରଣାସିଂ, ପନିକି ଓ ସିମାଗଡା ବିବାଦୀୟ ଗ୍ରାମଗୁଡ଼ିକୁ ନେଇ ଆନ୍ଧ୍ରପ୍ରଦେଶ ସରକାର ବିଜୟନଗରମ ଜିଲ୍ଲାର ସାଲୁର ମଣ୍ଡଳ ଅଧୀନରେ ତିନୋଟି ପଞ୍ଚାୟତ ଯଥା ଗଞ୍ଜେଇ ପଦର, ଫଗୁଣ ସିନେରୀ ଓ ଫାଟୁ ସିନେରୀ ଗଠନ କରିଥିଲେ। ସେହିପରି ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ଏବଂ ସାଧାରଣ ନିର୍ବାଚନ ସମୟରେ ଆନ୍ଧ୍ର ପକ୍ଷରୁ ନେରେଡିୱାଲସାଠାରେ ଦୁଇଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରି ଭୋଟ ଗ୍ରହଣ କରାଯାଉଛି। ଆନ୍ଧ୍ର ପ୍ରଦେଶକୁ ଉପଯୁକ୍ତ ଜବାବ ଦେଇ ୨୦୧୮-୧୯ରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟିଆର ବିକାଶ ନିମନ୍ତେ ୧୫୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରି ଆନ୍ଧ୍ରକୁ ଚକ୍ମା ଦେଇଥିଲେ। କୋଟିଆ ଠାରୁ କାତ୍ରାଗଡାକୁ ପାହାଡ କାଟି ରାସ୍ତା କରାଯାଇଥିବାବେଳେ ତଳ ଗଞ୍ଜେଇପଦରରେ ଗ୍ରାମୀଣ ଆବାସ ଯୋଜନାରେ ଘର, କୋଟିଆରେ ହାଟ ପିଣ୍ଡି, ଯାତ୍ରୀ ପ୍ରତୀକ୍ଷାଳୟ, ମୋବାଇଲ୍ ଟାୱାର୍ ନିର୍ମାଣ କରାଯାଇଛି । ସେହିପରି ୧୮ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ୍ ବିଲ୍ଡିଂ ସମେତ କର୍ମଚାରୀ ବାସଗୃହ, ନୂତନ ଥାନା କୋଠା, ଗଞ୍ଜେଇ ପଦରରେ କୋଟିଆ ହାଇସ୍କୁଲର ଛାତ୍ରାବାସ, କୋଟିଆରେ ଶ୍ରେଣୀ ଗୃହ ଓ ଛାତ୍ରୀ ନିବାସ, କ୍ଲଷ୍ଟର୍ ହାଉସ, କୋଟିଆ-ତୁରିଆ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯାଇଛି। କେବଳ ଏତିକି ନୁହେଁ ନବୀନ ସରକାର କୋଟିଆ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଥୁରିଆରେ ସରକାରୀ ବିଜ୍ଞାନ କଲେଜ, ଦେଓମାଳିରେ ପର୍ଯ୍ୟଟନର ବିକାଶ କାର୍ଯ୍ୟ ଆରମ୍ଭ କରିଥିଲେ। ଲୋକଙ୍କ ଗମନାଗମନ ନିମନ୍ତେ ଜୟପୁର-କୋଟିଆ ସରକାରୀ ବସ୍ ଚଳାଚଳ ଆରମ୍ଭ କରିଥିଲେ। ଏତେ ସବୁ ଉନ୍ନୟନ କାର୍ଯ୍ୟ କରିବା ସତ୍ତ୍ୱେ ବିବାଦର ସମାଧାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ପାଦେ ଆଗକୁ ବଢ଼ି ୨୦୨୧ ନଭେମ୍ବର ୮ ତାରିଖରେ ତତ୍କାଳୀନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ୍ମୋହନ ରେଡ୍ଡୀଙ୍କୁ ଭୁବନେଶ୍ୱର ଡାକି ଆଲୋଚନା କରିଥିଲେ। ତେଣୁ ବର୍ତ୍ତମାନର ସରକାର ପୂର୍ବ ସରକାରର ଯୋଜନାକୁ ଆଗେଇ ନେଇ କୋଟିଆର ବିକାଶ କରିବା ସହ ସମସ୍ୟାର ସମାଧାନ କରିବା ଉଚିତ ବୋଲି ପୂର୍ବତନ ବିଧାୟକ ଶ୍ରୀ ପାଢ଼ି ମନ୍ତବ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ମୋହନ ସରକାର ଘୋଷଣା କରିଥିବା କମିଟି କୋଟିଆ ସମାଧାନର କେତେଦୂର ସଫଳ ହେବ ତାହା ସମୟହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ରାଜନୈତିକ ଉଦ୍ଦେଶ୍ୟ ରଖି କମିଟି ଗଠନ କରାଯାଇଛି: କାଡାମ୍

## ଦୁଇଦିନରେ ୨ ଘରୁ ଚୋରି

ଜୟପୁର,୨୬।୫(ସମିସ):

ଗତ ଦୁଇଦିନରେ ଜୟପୁର ସହରର ଦୁଇ ଘରୁ ଚୋରି ହୋଇଛି। ଶନିବାର ରାତିରେ ସ୍ଥାନୀୟ ଟାଉନଥାନା ଇରିଗେସନ କଲୋନୀ ସରକାରୀ ଗୃହ (ଇ-୧)ରେ ଶିକ୍ଷୟିତ୍ରୀ ପ୍ରପର୍ଣ୍ଣି ପାଣିଗ୍ରାହୀଙ୍କ ଘରର ତାଲା ଭାଙ୍ଗି ୮ ତୋଳା ସୁନା ଅଳଙ୍କାର, ୨ଟି ରୂପା ପାଉଁଜି, ୨ଟି ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ରବିବାର ଟାଉନ୍‌ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ସେହିପରି ରବିବାର ରାତିରେ ଜୟପୁର ସଦରଥାନା ଏକଟାଗୁଡା ସିରିଡିସାଇ ନଗର ୨ୟ ଲାଇନର ବାସିନ୍ଦା ତଥା କେସିସି ବ୍ୟାଙ୍କର ଭାରପ୍ରାପ୍ତ ସମ୍ପାଦକ ଅତୁଲ୍ୟ ମଲ୍ଲିକଙ୍କ ଘରୁ ୫୦ ହଜାର ଟଙ୍କା, କିଛି ଦାମିକିଆ ସାଢୀ, ଡ୍ରେସ ଚୋରି ହୋଇଥିବା ନେଇ ସଦରଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ କୋରାପୁଟ ସାଇଣ୍ଟିଫିକ ଦଳ ଏବଂ ସନ୍ଧାନୀ କୁକୁର ପହଞ୍ଚି ଯାଞ୍ଚ କରିଥିବା ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ପାନୀୟଜଳ ସମସ୍ୟାର ସାମାଧାନ କଲା ପ୍ରଶାସନ



ସେମିଲିଗୁଡ଼ା,୨୬।୫(ସମିସ):

କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକର ପୋଡ଼ାଗଡ଼ ଗ୍ରାମର ପାନୀୟଜଳ ସମସ୍ୟାର ସମାଧାନ କରିଛି ବ୍ଲକ୍ ପ୍ରଶାସନ। ବ୍ଲକ୍ ପ୍ରଶାସନିକ ଅଧିକାରୀ ଗାଁରେ ପହଞ୍ଚି ଅଚଳ ଥିବା ପାନୀୟ ଜଳ ପ୍ରକଳ୍ପକୁ ମରାମତି କରି ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି। ସୂଚନାଯୋଗ୍ୟ, ପୋଡ଼ାଗଡ଼ ଗ୍ରାମରେ ୮୦ ପରିବାରର ପ୍ରାୟ ୬ ଶହ ଲୋକ ବସବାସ କରୁଥିବା ବେଳେ ଗ୍ରାମରେ ଦୀର୍ଘବର୍ଷ ତଳେ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ହୋଇଥିଲା। କିନ୍ତୁ କିଛି ଦିନ ଚାଲିବା ପରେ ତାହା ଅଚଳ ହୋଇପଡିଥିଲା। ଯାହା ଫଳରେ ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମ୍ମୁଖିନ ହେଉଥିଲେ। ପ୍ରବଳ ଗରମରେ ଗ୍ରାମରୁ ପ୍ରାୟ ଏକ କିଲୋମିଟର ଦୂର ନଦୀକୂଳରେ ଚୂଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଥିଲେ। ଏନେଇ ଖବର କିଛି ଖବରକାଗଜରେ ପ୍ରକାଶିତ ହେବା ପରେ ସେମିଲିଗୁଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମିଲିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜାସ୍ମିନ କୁମାର ପ୍ରଧାନଙ୍କ ସହ ଅନ୍ୟ କର୍ମଚାରୀ ଉକ୍ତ ଗ୍ରାମରେ ପହଞ୍ଚି ଅଚଳ ହୋଇଥିବା ପାନୀୟ ଜଳ ପ୍ରକଳ୍ପକୁ ମରାମତି କରି ପାନୀୟ ଜଳ ସମସ୍ୟା ଦୂର କରିଛନ୍ତି। ଏଥିସହ ଗ୍ରାମର ଅନ୍ୟ ସମସ୍ୟା ଉପରେ ଗ୍ରାମବାସୀଙ୍କ ସହ ବ୍ଲକ୍ ପ୍ରଶାସନ ଅଧିକାରୀମାନେ ଆଲୋଚନା କରିଥିଲେ। ଅନ୍ୟ ସମସ୍ୟା ମଧ୍ୟ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ମା' କାଳୀ କକାଁଲୁଣୀ ଓ ମା' ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ବେହେଡା,୨୬।୫(ସମିସ):



ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ମୁର୍ତ୍ତୁମା ପଞ୍ଚାୟତ ଅନ୍ତର୍ଗତ ବଡ଼କଡ଼କା ଗାଁରେ ମା' କାଳୀକକାଁଲୁଣୀ ଓ ମା' ଠାକୁରାଣୀଙ୍କ ମନ୍ଦିର ୩ଦିନ ଧରି ଚାଲୁଥିବା ପ୍ରତିଷ୍ଠା ଉତ୍ସବ ଏବଂ ମଣ୍ଡେଇ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ସମସ୍ତ ଗ୍ରାମର ମହିଳା ଓ ପୁରୁଷ ବିରାଟ ଶୋଭାଯାତ୍ରାରେ ମୁଣ୍ଡରେ କଳସ ଧରି ଗାଁର ମନ୍ଦିରକୁ ଯାଇଥିଲେ। ଦ୍ୱିତୀୟ ଦିନରେ ଅଲେଖ ମହିମା ଧର୍ମ ଅବଲୋମ୍ବୀ ଇନ୍ଦ୍ରମଣି ବାବା ଅଲେଖ ମହିମା ବ୍ରହ୍ମଯଜ୍ଞ କରିବା ସହ ଆଠ ଭଜନରେ ମହିମା ଧର୍ମର ସମସ୍ତ ଭକ୍ତ ଝୁମିଯାଇଥିଲେ। ଶେଷ ଦିନରେ ମା' କାଳୀ କକାଁଲୁଣୀ ଓ ମା' ଠାକୁରାଣୀଙ୍କ ମଣ୍ଡେଇ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପ୍ରତିକ ଭାବେ ଲାଟି ପାଲିଙ୍କି ବିମାନ ଆଦି ସାମିଲ ହୋଇଥିଲେ। ମା'ଙ୍କ ଶକ୍ତି ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ଯାତ୍ରା କମିଟି ତରଫରୁ ଆଦିବାସୀ ନାଟକର ଆୟୋଜନ କରାଯାଇଥିଲା। ଗ୍ରାମର ପୂଜାରୀ ସମେତ ଗାଉଁଟିଆ, ଚଲାଣ, ଗାଣ୍ଡା, ଜନସାଧାରଣ ତିନିଦିନ ଧରି ଚାଲୁଥିବା ଏହି ମନ୍ଦିର ପ୍ରତିଷ୍ଠା ଓ ମଣ୍ଡେଇ ଯାତ୍ରାରେ ସହଯୋଗ କରିଥିଲେ। ଶେଷ ଦିନରେ ମନ୍ଦିର ପ୍ରାଙ୍ଗଣରେ ଉଠା ଦୋକାନୀଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ସାବିତ୍ରୀ ବ୍ରତ ପାଳିଲେ ମହିଳା





ନବରଙ୍ଗପୁର,୨୬।୫(ସମିସ):

ନବରଙ୍ଗପୁର ସହରରେ ସୋମବାର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାବିତ୍ରୀ ବ୍ରତ ପାଳିଛନ୍ତି ମହିଳା। ନବରଙ୍ଗପୁର ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ମା' ମହାଲକ୍ଷ୍ମୀଙ୍କ ମନ୍ଦିରରେ ମହିଳାମାନେ ପୂଜା କରିଥିଲେ। ମହାଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ନାଥ ଶତପଥୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ ସମସ୍ତ ମହିଳା। ମନ୍ଦିରରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହିଳାମାନେ ନୂତନ ଶାଢ଼ୀ, ଶଙ୍ଖା, ସିନ୍ଦୁର , ଚୁଡ଼ି, ମାଳି ଭଗବାନଙ୍କୁ ଅର୍ପଣ କରିଥିଲେ। ସ୍ୱାମୀଙ୍କ ଦୀର୍ଘାୟୁ କାମନା ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ପୂଜା ସରିବା ପରେ ଏହି ନୂତନ ବସ୍ତ୍ର ପରିଧାନ କରି ପୂଜା ଶେଷରେ ସ୍ୱାମୀଙ୍କ ସମେତ ଘରର ବଡ଼ମାନଙ୍କ ପଦପୂଜା ମଧ୍ୟ କରିଥିଲେ।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ସହରର ବିଭିନ୍ନ ମନ୍ଦିର ଓ ସାହି ଗୁଡିକରେ ନିଜ ନିଜ ଗୃହରେ ବିବାହିତ ମହିଳାମାନେ ମିଳିତ ଭାବେ ସାବିତ୍ରୀ ବ୍ରତ ପାଳିଛନ୍ତି। ପରମ୍ପରା ଅନୁଯାୟୀ ସ୍ୱାମୀଙ୍କ ଦୀର୍ଘଜୀବୀ, ପରିବାର ଓ ଛୁଆ ମାନଙ୍କ ଉନ୍ନତି କାମନା କରି ଉପବାସ ରହିଥିଲେ। ଜଗନ୍ନାଥମନ୍ଦିର, କୁଞ୍ଜବିହାରୀମନ୍ଦର, ବେହେରା ସାହି ଦକ୍ଷିଣତାଶୀ ମଣ୍ଡପ, ପାୱାରହାଉସ ହନୁମାନମନ୍ଦିର, ରସିକ ସିରୋମଣି ମନ୍ଦିର, ପାରାବେଢ଼ା ଝାଙ୍କଡଦେଇ ମନ୍ଦିର, ସାମନ୍ତରାୟ ସାହି, କୃଷ୍ଣ ଚୈତନ୍ୟ ସେବାସଂଘ, ପାଠାଗାର ଗୃହରେ ଏହି ପୂଜା ଆୟୋଜିତ ହୋଇଥିଲା। ଆମ୍ବ,ପିଜୁଳି,କୋଦଳୀ, ନଡିଆ, ଆପଲ, କମଳା, ଅଙ୍ଗୁର, ଖଜୁରୀ, ଜାମୁକୋଳି, ସପୁରି ପଣସ, ତାଳ ପ୍ରଭୃତି ଫଳମୂଳ ଏବଂ ମୁଗ, ଚିନି, ସାଗୁ ପ୍ରଭୃତି ଠାକୁରଙ୍କୁ ଭୋଗ ଲାଗି କରାଯାଇଥିଲା। ସାବିତ୍ରୀ ବ୍ରତ କଥା ପୂଜକ ପାଠ କରିଥିଲେ। ଶେଷରେ ବିବାହିତ ମହିଳାମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଏବଂ ତୁଳସୀ ଚଉଁରା ନିକଟରେ ପୂଜାର୍ଚ୍ଚନା କରି ପୂଜା ହୋଇଥିବା ଫଳମୂଳ ଏବଂ ମୁଗ, ସାଗୁ ଓ ଚିନିକୁ ଖାଇଥିଲେ। ସ୍ୱାମୀ, ବୟସ୍କ ଓ ଗୁରୁଜନମାନଙ୍କୁ ବ୍ରତଧାରୀମାନେ ମୁଣ୍ଡିଆମାରି ଆଶୀର୍ବାଦ ନେଇଥିଲେ।

**ଉମରକୋଟ:** ଉମରକୋଟ ସହରରେ ସାବିତ୍ରୀ ବ୍ରତ ପାଳିଛନ୍ତି ମହିଳା। ସ୍ଥାନୀୟ ଇଶାନେଶ୍ୱର ଶିବମନ୍ଦିରରେ ବିବାହିତ ମହିଳାମାନେ ଏକତ୍ରିତ ହୋଇ ନୂଆ ବସ୍ତ୍ର ପରିଧାନ କରି ସାବିତ୍ରୀ ବ୍ରତ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପୂଜକ ଦେବେନ୍ଦ୍ର ପଣ୍ଡା ଓ ବେଣୁଧର ମିଶ୍ର ପୂଜା କରିଥିଲେ। ନାରାୟଣ ସାହୁ ଓ ପ୍ରଫୁଲ୍ଲ ପରିଡ଼ା ଓ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବିଭିନ୍ନ ଫଳମୂଳ ମା'ଙ୍କୁ ନୈବେଦ୍ୟ ଭାବେ ଅର୍ପଣ କରାଯାଇଥିଲା।

## ଘର ଉପରେ ଭାଙ୍ଗି ପଡ଼ିଲା ତେନ୍ତୁଳି ଗଛ

ନନ୍ଦପୁର,୨୬।୫(ସମିସ): ରାଇସିଂ ପଞ୍ଚାୟତ ଅଧୀନ କିଞ୍ଜରବା ଗ୍ରାମର ଗଙ୍ଗାଧର ସୀସାଙ୍କ ଘର ଉପରେ ରବିବାର ସନ୍ଧ୍ୟାରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ିଯାଇଥିଲା। ଖବର ପାଇ ନନ୍ଦପୁର ଅଗ୍ନିଶମ ବିଭାଗର ଓଆଇସି ଚିତ୍ତରଞ୍ଜନ ଫଜିଆ, ଏଫ୍‌ଏମ ପ୍ରକାଶ କିସାନ, ଥବିର ଭୋଇ, ରଞ୍ଜନ ମଲ୍ଲିକ, ଚାଳକ ଡିଲେଶ୍ୱର ସେଠିଆ ପ୍ରମୁଖ ସୋମବାର ସକାଳୁ



ଘଟଣାସ୍ଥଳରେ ପହଞ୍ଚି ଘର ଉପରେ ପଡ଼ିଯାଇଥିବା ଗଛ କାଟି ସଫା କରିଥିଲେ। ଘଟଣାରେ ଗଙ୍ଗାଧରଙ୍କ ଘରର ଆଂଶିକ କ୍ଷତି ହୋଇଥିବା ସହ ବିଦ୍ୟୁତ୍ ତାର ଛିଣ୍ଡି ଘର ଉପରେ ପଡ଼ିଯାଇଥିଲା। ପ୍ରଶାସନ ତରଫରୁ ତାଙ୍କୁ ଏକ ଜରିପାଲର ବ୍ୟବସ୍ଥା କରାଯାଇଛି। ଘରର ଦସ୍ତାବିଜ ଦାଖଲ ପରେ ଅନ୍ୟକିଛି ସହାୟତାର ପ୍ରତିଶ୍ରୁତି ମିଳିଥିବା ଗଙ୍ଗାଧର କହିଛନ୍ତି।

## ଦୁଇ ସାଥିଙ୍କ ବିୟୋଗରେ ଶୋକସଭା



ନବରଙ୍ଗପୁର,୨୬।୫(ସମିସ): ନବରଙ୍ଗପୁର ରାଜା ଚୈତନ୍ୟ ଦେବ ହାଇସ୍କୁଲର ୧୯୮୮ ମେଟ୍ରିକ ବ୍ୟାଚ୍‌ର ଦୁଇ ଜଣ ପୂର୍ବତନ ଛାତ୍ରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ଦୁର୍ଯ୍ୟୋଧନ ସୌରା ଓ ଜିବିଭି ସୁବ୍ରମାନିଅମ୍‌ଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଗୋବିନ୍ଦାଳୟ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ରାକେଶ ଗୁପ୍ତା ଅଧ୍ୟକ୍ଷତା କରିଥିଲେ। ଉଭୟଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଦିବଙ୍ଗତଙ୍କ ପରିବାର ବର୍ଗ ମଧ୍ୟ ଉପସ୍ଥିତ ରହିଥିଲେ। ମୃତ ପୂର୍ବତନ ଛାତ୍ରଙ୍କ ପରିବାରକୁ ସମସ୍ତ ପ୍ରକାର ସାହର୍ଯ୍ୟ ଯୋଗାଇଦେବାକୁ ୧୯୮୮ ର ମାଟ୍ରିକ ବ୍ୟାଚ୍‌ର ସଦସ୍ୟ ସର୍ବଦା ଆଗଭର ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସନମୁଗା ପାତ୍ର, ୟୁ ଅରୁଣ କୁମାର, ସୁରେଶ ପଟ୍ଟନାୟକ, ଅଜିତ ରଥ, ବିଭୁ ଲେଙ୍କା, ବୁଢୁ ମହାପାତ୍ର, ଘାସିରାମ ନାୟକ, ହିମାଂଶୁ ତ୍ରିପାଠୀ, ଶ୍ୟାମ ଘନ ନାୟକ, ବିଷ୍ଣୁ ଗୁପ୍ତା, କପିଳ ମହାରଣା, ମନୋଜ ପଟ୍ଟନାୟକ, ଜ୍ୟୋତି ପରିଛା, ଏସ୍‌କେ ସମୀର, କେ ନବୀନ, ସୁରେଶ ପାତ୍ର, ଏସ୍‌କେ ନଜିର, ରବି କୁମାର, କୃଷ ଅମନାତ୍ୟ, ଡମ୍ବୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ସାବିତ୍ରୀ ବ୍ରତ ପାଳିଲେ ମହିଳା

ଟିକିରି,୨୬।୫(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ଅଞ୍ଚଳରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି ମହିଳା। ଲକ୍ଷ୍ମୀ ନାରାୟଣଙ୍କ ପ୍ରତିମୂର୍ତ୍ତିକୁ ସଜାଇ ନୂଆ ଶାଢ଼ୀ, ଚୁଡ଼ି ପିନ୍ଧି, ସିନ୍ଦୂର, ଅଳତା ଲଗାଇ ମହିଳାମାନେ ପୂଜା କରିଥିଲେ। ବିଭିନ୍ନ ଫଳକୁ ଠାକୁରଙ୍କୁ ସମର୍ପଣ କରିଥିଲେ। ଦୋକାନ ବଜାର ଠାରୁ ଆରମ୍ଭ କରି ଶାଢୀ, ଗହଣା ଷ୍ଟେସନାରୀ, ଫଳମୂଳ ଦୋକାନରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଫଳ ଭୋଗ ଧରି ମନ୍ଦିର ଓ କୌଣସି ଘରେ ଏକତ୍ରିତ ପୂଜାର୍ଚ୍ଚନା କରିଥିଲେ। ଟିକିରିର ଜଗନ୍ନାଥ ମନ୍ଦିର, ଗକୁଳମୁଣ୍ଡା ତ୍ରିନାଥ ମନ୍ଦିର, ଢୁଢୁକାବାହାଲ ଶିବ ମନ୍ଦିର ଓ ଘରେ ଘରେ ସାବିତ୍ରୀ ବ୍ରତ ହୋଇଥିବା ଦେଖିବାକୁ ମିଳିଥିଲା।

# ଶୀତଳ ଭଣ୍ଡାରରେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

ନବରଙ୍ଗପୁର,୨୬।୫(ସମିସ):

ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ଘୋଷଣା ଏବେ ଶୀତଳ ଭଣ୍ଡାରେ ରହିଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପୂର୍ବରୁ ଗଠନ ହୋଇ ସାରିଥିବାବେଳେ ନୂତନ ସରକାର ଦେଖାଇଥିବା ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନର ସ୍ୱପ୍ନ ଏବେ କେବଳ ଘୋଷଣାରେ ହିଁ ରହିଯାଇଥିବା ଅଭିଯୋଗ ହୋଇଛି। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଆଜିକୁ ୪ ମାସ ପୂର୍ବେ ଅର୍ଥାତ୍ ଗତ ୨୦୨୪ ଡ଼ିସେମ୍ବର ୨ରେ ବିଧାନସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସୂଚନା ଦେଇଥିଲେ। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ କିଭଳି ଗଠନ ହେବ ଏଥିରେ କେଉଁ କେଉଁ ଜିଲ୍ଲା ସାମିଲ ହେବେ, କେଉଁ କେଉଁ ବ୍ଲକ୍ ସାମିଲ ହେବେ, ଏହାର କାର୍ଯ୍ୟ ପ୍ରଣାଳୀ କିଭଳି ରହିବ ସେ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବା ପାଇଁ ଏହି ଟାସ୍କ ଫୋର୍ସ ଗଠନ କରାଯାଇଥିଲା। ନବରଙ୍ଗପୁର ଜିଲ୍ଲା ଉମରକୋଟ ବିଧାୟକ ତଥା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାସ୍କ ଫୋର୍ସରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ନବରଙ୍ଗପୁର ସାଂସଦ, କନ୍ଧମାଳ ସାଂସଦ, ଦିଗପହଣ୍ଡି ବିଧାୟକ, ମାଲକାନଗିରି ବିଧାୟକ, ପାରଳାଖେମୁଣ୍ଡି ବିଧାୟକ, ଫୁଲବାଣୀ ବିଧାୟକ, ପଟାଙ୍ଗୀ ବିଧାୟକଙ୍କ ସମେତ ଏହି ଟାସ୍କ ଫୋର୍ସରେ ୩ ଜଣ ଏକ୍ସ-ଅଫିସିଓ




ମେମ୍ବର ମଧ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଆରଡିସି, କେନ୍ଦ୍ରାଞ୍ଚଳ ଆରଡିସି ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଏହାର ସଦସ୍ୟ ଆବାହକ ରହିଛନ୍ତି। ଏହି ୩ ଜଣ ପୂର୍ବତନ ସରକାରୀ ଅଧିକାରୀ ସଦସ୍ୟ ରହିଥିବା ସୂଚନା ମିଳିଥିଲା। ଏହି ଟାସ୍କ ଫୋର୍ସ ୩୦ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦାଖଲ କରିବେ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ। ଏହାପରେ ଗତ ୪ ଜାନୁଆରୀ ୨୦୨୫ ରେ ଟାସ୍କ ଫୋର୍ସର ପ୍ରଥମ ବୈଠକ ବସିଥିଲା। ବୈଠକର ନିଷ୍ପତ୍ତି ପ୍ରକାରେ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଏହି ୭ ଜିଲ୍ଲାକୁ ନେଇ ଗଠିତ ହେବ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ। ଏହି ବୈଠକରେ ଉକ୍ତ ୭ ଜିଲ୍ଲାର ସମସ୍ତ ବିଧାୟକ ଏବଂ ସାଂସଦମାନେ ମଧ୍ୟ ଯୋଗ ଦେଇଥିଲେ। ବୈଠକରେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଅନ୍ତର୍ଭୁକ୍ତ ୭ଟି ଜିଲ୍ଲାର ସମସ୍ତ ପୌର ପରିଷଦ, ସମସ୍ତ ବ୍ଲକ୍ ଏବଂ ସମସ୍ତ ପଞ୍ଚାୟତ ଗୁଡ଼ିକ ଅଧୀନରେ ଥିବା ସମସ୍ତ ଅଞ୍ଚଳର କିଭଳି ଅଧିକରୁ ଅଧିକ ମାତ୍ରାରେ ବିକାଶ ହେବ। ଏହାସହ ଦକ୍ଷିଣ ଓଡ଼ିଶାର ବିକାଶ କିଭଳି ସବୁଠାରୁ ଶୀର୍ଷରେ ପହଞ୍ଚିବ ସେନେଇ ଆଲୋଚନା ହୋଇଥିବା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏପରିକି ଏଥିପାଇଁ ଏକ ଷ୍ଟାଚୁଟାରି କମିଟି ଗଠନ କରାଯିବାର ଆବଶ୍ୟକତା ରହିଛି ଏବଂ ଏହି ଟାସ୍କ ଫୋର୍ସ କମିଟିରେ ବର୍ତ୍ତମାନ ସାମିଲ ହୋଇନଥିବା ବ୍ୟକ୍ତିଙ୍କୁ ପରବର୍ତ୍ତୀ ସମୟରେ ଏଥିରେ ସାମିଲ ମଧ୍ୟ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ ଅଧ୍ୟକ୍ଷ ଶ୍ରୀ ଗଣ୍ଡ। ମୁଖ୍ୟମନ୍ତ୍ରୀ ଏବଂ ଅଧ୍ୟକ୍ଷ ସେତେବେଳେ ଦକ୍ଷିଣ ଓଡ଼ିଶାର ବିକାଶ ରକେଟ ବେଗରେ ଗତି କରିବ ବୋଲି କହିଥିଲେ; ହେଲେ ବର୍ତ୍ତମାନ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଏପରିକି ସେତେବେଳେ ଦକ୍ଷିଣ ଓଡ଼ିଶା ଯଦି ବିକାଶ କରାଯିବାର ଅଛି, ତାହେଲେ ୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଉ ବୋଲି ଡାବୁଗାଁ ବିଧାୟକ ଏବଂ ଜୟପୁର ବିଧାୟକ ଦାବି କରିଥିଲେ। ଏବେ ଏହି ପରିଷଦ ଗଠନ ପ୍ରକ୍ରିୟା ଇଞ୍ଚେ ଆଗାଉ ନଥିବାରୁ ଏହି ପରିଷଦ ଗଠନର ଭବିଷ୍ୟତ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସହ ଏହାର ବାସ୍ତବତାକୁ ନେଇ ମଧ୍ୟ ଆଶା ଆଶଙ୍କା ପ୍ରକାଶ ପାଉଛି। ଏ ସମ୍ପର୍କରେ ଟାସ୍କ ଫୋର୍ସ କମିଟି ସଦସ୍ୟ ତଥା ଡାବୁଗାଁ ବିଧାୟକ ମନହୋର ରନ୍ଧାରୀଙ୍କୁ ପଚାରିବାରୁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିବାରେ ଜାଣି ଶୁଣି ବିଳମ୍ବ କରାଯାଉଛି। ନବରଙ୍ଗପୁର ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାର ବିକାଶ ହେଉ ବୋଲି ଏହି ବିଜେପି ସରକାର ଚାହୁଁ ନାହାନ୍ତି। ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନର କାର୍ଯ୍ୟ ବହୁ ଦୂର ପର୍ଯ୍ୟନ୍ତ ଆଗେଇ ସାରିଲାଣି, କିନ୍ତୁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ଏପର୍ଯ୍ୟନ୍ତ କେବଳ ବୈଠକ ଓ ଆଲୋଚନା ମଧ୍ୟରେ ହିଁ ସୀମିତ ରହିଯାଇଛି। ଏପରିକି ଖୋଦ୍ ନବରଙ୍ଗପୁର ଜିଲ୍ଲାର ଲୋକ ପ୍ରତିନିଧି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ରହିବା ସତ୍ତ୍ୱେ ବିକାଶ କାର୍ଯ୍ୟ ଆଗକୁ ବଢୁ ନାହିଁ, ଏହାଠୁ ବଡ ଦୁର୍ଭାଗ୍ୟର ବିଷୟ ଆଉ କିଛି ନାହିଁ ବୋଲି କହିଛନ୍ତି ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ। ଏଥିସହ ଏନେଇ ଜିଲ୍ଲାର ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ କାଉନସିଲ ସନ୍ତୋଷ କୁମାର ମିଶ୍ର ଦକ୍ଷିଣ ଓଡ଼ିଶା ବିକାଶରେ ରାଜ୍ୟ ସରକାରଙ୍କ ଏତେ ବୈମାତୃକ ମନୋଭାବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଗୋଟିଏ ଥରରେ ମୁଖ୍ୟମନ୍ତ୍ରୀ ଘୋଷଣା କରି ଉତ୍ତର ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲୁଥିବା ଶୁଣିବାକୁ ମିଳୁଥିବାବେଳେ ଦକ୍ଷିଣ ଓଡ଼ିଶା ବିକାଶର ଗତି କାହିଁକି ମନ୍ଥର ଗତିରେ ଚାଲିଛି ବୋଲି ପ୍ରଶ୍ନ କରିଛନ୍ତି। ବିଳମ୍ବ ନକରି ଅତିଶୀଘ୍ର ଦକ୍ଷିଣ ଓଡ଼ିଶା ବିକାଶ କାର୍ଯ୍ୟ ଆଗେଇ ନେବା ପାଇଁ ଦାବି କରିଛନ୍ତି ଜିଲ୍ଲାର ବିଶିଷ୍ଟ ଆଇନଜୀବୀ ସନ୍ତୋଷ କୁମାର ମିଶ୍ର। ଏହାକୁ ନେଇ ଟାସ୍କ ଫୋର୍ସ କମିଟି ଅଧ୍ୟକ୍ଷ ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ, ବର୍ତ୍ତମାନ ପର୍ଯ୍ୟନ୍ତ ୩ ଟି ବୈଠକ ଶେଷ ହୋଇଛି। ୭ ଟି ଜିଲ୍ଲାକୁ ନେଇ ପରିଷଦ ଗଠନ ପାଇଁ ପ୍ରସ୍ତାବ ରହିଛି। ଏଥିରେ ପଛୁଆ ଅଞ୍ଚଳକୁ ସାମିଲକୁ ଗୁରୁତ୍ୱ ଦେଇ ସୀମା ନିର୍ଦ୍ଧାରଣ କାର୍ଯ୍ୟ ତ୍ୱରାନ୍ତ କରାଯିବ। ଆଗାମୀ ୩୦ ଦିନ ମଧ୍ୟରେ ପରିଷଦ ଗଠନ ହେବ ବୋଲି ସେ ଆଶାବାଦୀ ରହିଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଅଧ୍ୟକ୍ଷ ଶ୍ରୀ ଗଣ୍ଡ।

> ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଜାଣିଶୁଣି ଅବହେଳା କରାଯାଉଛି: ମନୋହର ରନ୍ଧାରୀ
> ୩୦ ଦିନ ମଧ୍ୟରେ ପରିଷଦ ଗଠନ ହେବ: ଗଣଶିକ୍ଷା ମନ୍ତ୍ରୀ

# ୩ ସନ୍ତାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡି ପଳାଇଲା ବାପା



କଲ୍ୟାଣସିଂହପୁର,୨୬।୫(ସମିସ):

ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜ ୩ ସନ୍ତାନଙ୍କୁ ଛାଡି ଚାଲିଯାଇଛି ବାପା। ଏଭଳି ଏକ ଅଭାବନୀୟ ଘଟଣା ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ଦେଖିବାକୁ ମିଳିଛି। ଯାହା ସ୍ଥାନୀୟ ଅଞ୍ଚଳରେ ଚହଳ ସୃଷ୍ଟିକରିଛି। ସୂଚନାନୁଯାୟୀ, କଲ୍ୟାଣସିଂହପୁର ବ୍ଲକର ପାର୍ଶାଲି ପଞ୍ଚାୟତର ପାରାମାଲି ଗ୍ରାମର ଶିତା କାଡ୍ରାକା ତାଙ୍କ ବଡ ପୁଅ ଭିନ୍ନକ୍ଷମ ବିଜୁ (୬) ର ସ୍ୱାସ୍ଥ୍ୟ ଖରାପ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କ ଘରେ ଶିଶୁଙ୍କ ଯତ୍ନ ନେବାକୁ କେହି ନଥିବାରୁ ବିଜୁଙ୍କ ସହ ଅନ୍ୟ ଦୁଇ ଶିଶୁ ୫ ଓ ୪ ବର୍ଷୀୟ ପୁଅକୁ ସାଙ୍ଗରେ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। କିନ୍ତୁ ଡାକ୍ତର ଚିକିତ୍ସା କରିବା ସମୟରେ ବାପା ଶିତା ୩ ପିଲାଙ୍କୁ ଛାଡି କେଉଁଆଡେ ପଳାଇଥିଲେ। ଏନେଇ ଚିକିତ୍ସା କରୁଥିବା ଡାକ୍ତର ପ୍ରମୋଦ କୁମାର ମିଶ୍ର ଅପରାହ୍ନରେ ଜାଣିବା ପରେ କଲ୍ୟାଣସିଂହପୁର ଥାନାକୁ ସୂଚନା ଦେଇଥିଲେ। ଥାନା, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ବହୁ ଖୋଜାଖୋଜି କରିବା ପରେ ମଧ ଶିତାଙ୍କ କୌଣସି ସନ୍ଧାନ ମିଳିନଥିଲା। ଅନ୍ୟପଟେ ତିନି ଶିଶୁ କାନ୍ଦିବା ଦେଖି ନିକଟରେ ଥିବା ଅଙ୍ଗନବାଡି କର୍ମୀ ଓ ଗ୍ରାମବାସୀ ସେମାନଙ୍କୁ କ୍ଷୀର, ବିସ୍କୁଟ, ପାଉଁରୁଟି ଦେଇଥିଲେ। ଏହି ଖବର ପ୍ରସାର ହେବା ପରେ ପାର୍ଶାଲି ପଞ୍ଚାୟତର ସମିତି ସଭ୍ୟ ବିକାଶ ବାଗ, ପୁଲିସ ଥାନା ଅଧିକାରୀ ନୀଳକଣ୍ଠ ବେହେରା ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ପୁଲିସ ନିଜ ଗାଡ଼ିରେ ୩ ସନ୍ତାନଙ୍କୁ ନେଇ ପାରାମାଲି ଗାଁରେ ଛାଡି ଆସିଥିବା ଜଣାପଡିଛି।

# ମଣ୍ଡଳକାରାଗାରରେ ସାବିତ୍ରୀ ପାଳିଲେ ମହିଳା କଏଦୀ



କୋରାପୁଟ, ୨୬।୫(ସମିସ): : ସାବିତ୍ରୀ ବ୍ରତ ଅବସରରେ କୋରାପୁଟର ଶାବର ଶ୍ରୀକ୍ଷେତ୍ର ସମେତ କୋରାପୁଟ ସହରର ବିଭିନ୍ନ ଧର୍ମାନୁଷ୍ଠାନ ଯାଇ ମହିଳାମାନେ ଠାକୁର ଦର୍ଶନ କରିଛନ୍ତି। ଶାବର ଶ୍ରୀକ୍ଷେତ୍ର ସମେତ ମାଳି ସାହି ଶିବମନ୍ଦିର, ଗୌତମ ନଗର ହନୁମାନ ମନ୍ଦିର ଓ ସହରର ଅନ୍ୟାନ୍ୟ ମନ୍ଦିରରେ ମହିଳାମାନେ ଏହି ବ୍ରତ ପୂଜା କରିଥିଲେ। ସେହିପରି କୋରାପୁଟ ମଣ୍ଡଳ କାରଗାରରେ ଥିବା ବିଚାରାଧିନ ମହିଳା କଏଦୀମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। କାରାଗାରାରେ ଥିବା ୫ ଜଣ ମହିଳା କଏଦୀ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଜେଲରେ ଥାଇ ସେମାନେ ତାଙ୍କର ସ୍ୱାମୀଙ୍କର ମଙ୍ଗଳ ମନାସିଛନ୍ତି। କାରାଗାର ତରଫରୁ ସେମାନଙ୍କୁ ନୂତନ ଶାଢ଼ୀ ସହ ସମସ୍ତ ପୂଜା ସାମଗ୍ରୀ ଓ ଫଳମୂଳ ଯୋଗାଇ ଦିଆଯାଇଥିଲା।

# ଶବର ସମାଜର ୩ ଦିନିଆ ସମ୍ମିଳନୀ



ଗୁଣପୁର,୨୬।୫(ସମିସ): ସ୍ଥାନୀୟ ଟିଟିମିରିଠାରେ ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ୩ ଦିନିଆ ଛାତ୍ରଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଓ ଗଜପତି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଶବର ଛାତ୍ରଛାତ୍ରୀ, ଟିଟିମିରି ମଣ୍ଡଳୀର ସମସ୍ତ କର୍ମକର୍ତ୍ତା, ସରକାରୀ, ବେସରକାରୀ କର୍ମଚାରୀ, ସାଧୁସନ୍ଥ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହାକୁ ସମିତିର ସର୍ବୋଚ୍ଚ ସମ୍ପାଦକ ତଥା ଧର୍ମ ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ଗମାଙ୍ଗ ଉଦ୍‌ଘାଟନ କରିଥିଲେ। ଆଦିତ୍ୟ ବାହୀନିର ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତି ଅତିଥି ଯୋଗଦେଇଥିଲେ। ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଥମେ ସତ୍‌ସଙ୍ଗ ମାଧ୍ୟମରେ ଗୀତା ଶିକ୍ଷା, ବୌଦ୍ଧିକ ଶିକ୍ଷା, ନୈତିକ ଶିକ୍ଷା, ସାମାଜିକ ଶିକ୍ଷା, ବିଦ୍ୟାଳୟରେ ଥିବା ପାଠ୍ୟ ଖସଡ଼ାର ଶିକ୍ଷା ଦିଆଯାଇଥିଲା। ବିଭିନ୍ନ ପ୍ରତିଯୋଗିତାମାନ ଅୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଗଜପତି ଶବର ସମାଜ କଲ୍ୟାଣ ସମିତିର ଛାତ୍ର ସଭାପତି ବିନେଶ୍ ଶବର ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ରାୟଗଡା ଜିଲ୍ଲା ସଭାପତି ବୁଡ଼ ଶବର, ସମ୍ପାଦକ ବନମାଳୀ ଶବର, ସଂଯୋଜକ ଯାତ୍ରା ଶବର ପ୍ରମୁଖ ପରିଚାଳନା କରିଥିବାବେଳେ ସୁଦର୍ଶନ ଗମାଙ୍ଗ, ଶିକ୍ଷକ ବଳରାମ ବଡରଇତ, ଲିଙ୍ଗରାଜ କାର୍ଜୀ, ଶିକ୍ଷକ ଜଞ୍ଜୀ ମାଝୀ, ସୁରେନ୍ଦ୍ର ଶବର, ହାଡ଼ିଆ ଶବର, କାର୍ତ୍ତିକ ରଇତ, ମନୋଜ ଗମାଙ୍ଗ, ତୁଷାର ଶବର, ବିଜୟ ଶବର, ବିଦ୍ୟାଧର ଶବର, ନୀଳକଣ୍ଠ ଶବର, ସ୍ଥାନୀୟ ସରପଞ୍ଚ ଦିବାକର ଶବର, ସମିତି ସଭ୍ୟ ନୀଳମଣି ଶବର, ଘନାନ୍ତ୍ରୀ ସରପଞ୍ଚ ନୀଳକଣ୍ଠ ଶବର, ଯାତ୍ରା ଶବର, ଯୋଗେନ୍ଦ୍ର ଶବର, ମିଟୁ ଶବର, ପ୍ରଭାସିନୀ ଶବର, ମୁକୁତା ଶବର, ଗୋପୀନାଥ ଶବର, ଅନିରୁଦ୍ଧ ଶଡର, ମୁରଲୀଧର ଶବର, ଶଙ୍କର ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ସେବାୟତ ଓ ମନ୍ଦିର ଉନ୍ନୟନ କମିଟିର ବୈଠକ

# 'ମନ୍ଦିର ଉନ୍ନତି ଓ ନୀତିକାନ୍ତିରେ ସହଯୋଗ କରୁନି ଦେବୋତ୍ତର ବିଭାଗ'

ଗୁଣପୁର,୨୬।୫(ସମିସ):



ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ନିତିକାନ୍ତି କି ମନ୍ଦିରର ଉନ୍ନତିରେ ଧ୍ୟାନ ଦେଉନି ଦେବୋତ୍ତର ବିଭାଗ। ରଥଯାତ୍ରା ସମୟରେ ସେବାୟତମାନଙ୍କୁ ଗୁରୁତ୍ୱ ଦିଆଯାଉନି। ଯାହାକୁ ନେଇ ରବିବାର ସନ୍ଧ୍ୟାରେ ମନ୍ଦିର ଉନ୍ନୟନ ପରିଷଦର କାର୍ଯ୍ୟାଳୟରେ ଅନୁଷ୍ଠିତ ସେବାୟତ ଓ ମନ୍ଦିର ଉନ୍ନୟନ କମିଟି ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ଡଃ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗକୁ ଆର୍ଥିକ ଅନାଟନ ଯୋଗୁଁ ଠାକୁରଙ୍କ ନିତିକାନ୍ତି କରିବା ଆଉ ସହଜ ହେବନି ବୋଲି ପୂଜକ ମୋନଜ ପାଢି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବର୍ଷରେ ଫଗୁ ଦଶମୀ ହେଉକି ଝୁଲଣ ବେଳେ ଅବା ବଡ ଏକାଦଶୀ, ଚିତାଲାଗି ଅମାବାସ୍ୟା ଏମିତି ପ୍ରମୁଖ ନିତିକାନ୍ତି କରିବାକୁ ମଧ୍ୟ ହାତରୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ମନ୍ଦିର ବେଢ଼ାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମେତ ରାଧାକୃଷ୍ଣ, କନକ ଦୁର୍ଗା, ହନୁମାନ, ଲକ୍ଷ୍ମୀ ମନ୍ଦିରରେ ମଧ ନିତି ଭୋଗରାଗ ହେଉଛି। ଗୁଣ୍ଡିଚା ମନ୍ଦିରରେ ପୂଜା ପାଉଥିବା ରାଧା ଗୋପୀନାଥଙ୍କର ମଧ ନିତି ପୂଜା ହେଉଛି। ଏସବୁ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ସହାୟତା ମିଳୁନି। ପୂଜକମାନଙ୍କ ପାଇଁ ମଧ କିଛି ଆର୍ଥିକ ବ୍ୟବସ୍ଥା ନାହିଁ। ଏମିତିରେ ସବୁଦିନେ ଠାକୁର କେମିତି ପୂଜା ପାଇବେ ଓ ପୂଜକମାନେ କିଭଳି ଚଳିବେ ବୋଲି ମନ୍ଦିର ପୂଜକ ପପି ପଣ୍ଡା, ପ୍ରଦିପ ପାଢି ପ୍ରମୁଖ ପ୍ରଶ୍ନ କରିଥିଲେ। ରଥଯାତ୍ରା ହେଉକି ରଥ ପ୍ରତିଷ୍ଠା, ହେରାପଞ୍ଚମୀରେ ଲକ୍ଷ୍ମୀଙ୍କ ରଥ ଭଙ୍ଗା ନିତି, ଅଧରପଣାରରେ ସବୁବେଳେ ବିଭ୍ରାଟ ହେଲେସୁଦ୍ଧା ଧ୍ୟାନ ଦିଆଯାଉ ନାହିଁ ବୋଲି ବ୍ରହ୍ମା ଗୁପ୍ତେଶ୍ୱର ରଥସର୍ମା ଓ ସୁଦାମ ରଥସର୍ମା କହିଥିଲେ। ମନ୍ଦିର ବ୍ୟବସ୍ଥା ସହ ସେବାୟତମାନଙ୍କର କୌଣସି ସମ୍ପର୍କ ରହୁନାହିଁ। ରଥଯାତ୍ରା ବେଳେ ଯୋଡେ ଭୋଗ ଓ ଗୋଟେ ମଠା ଦେଇ ଦେବୋତ୍ତର ବିଭାଗ ହାତ ଝାଡି ଦେଉଛି ବୋଲି ସେବାୟତ ଅନିଲ ଶତପଥି, ରଜତ ପାଢି, ଜ୍ଞାନ ନିଶଙ୍କ ଅଭିଯୋଗ କରିଥିଲେ। ବର୍ଷସାରା ମନ୍ଦିରର ଉନ୍ନତିମୁଳକ କାର୍ଯ୍ୟ, ବର୍ତ୍ତମାନର ଗୁଣ୍ଡିଚା ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ପାଇଁ ଦେବତ୍ତୋର ବିଭାଗ ଟଙ୍କାଟିଏ ମଧ ସାହାଯ୍ୟ କରିନାହିଁ।

### ରଥଯାତ୍ରା ପ୍ରସ୍ତୁତି ବୈଠକ କରା ନଯିବାକୁ ନେଇ ଉଦ୍‌ବେଗ

ମନ୍ଦିରର ନିତିକାନ୍ତି ଓ ଉନ୍ନତି ସବୁ ଲୋକଙ୍କ ଦାନ ଅର୍ଥରେ ଚାଲିଛି। କିନ୍ତୁ ରଥଯାତ୍ରା ବେଳେ ମୀନାବଜାର ଓ ଦୋକାନ ବାବଦର ଲକ୍ଷାଧିକ ଟଙ୍କା ଦେବତ୍ତୋର ବିଭାଗ ନେଇ ଯାଉଛି। ଯେଉଁ ଠାକୁରଙ୍କ ନାଁରେ ଟଙ୍କା ନିଆଯାଉଛି ସେହି ଠାକୁରଙ୍କୁ ଅବହେଳା କରାଯାଉଛି ବୋଲି ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତି, ଉମା ଦାସ, ତିରୁପତି ରଥ, ପ୍ରମୁଖ କହିଥିଲେ। ରଥଚକରେ କାମି ଆବଶ୍ୟକ ବୋଲି ରଥ ନିର୍ମାଣ ମହାରଣା ଗାଙ୍ଗାରାଜୁ ଶବର କହିଥିଲେ। ଏମିତି ନାନା ଅଭିଯୋଗ ମଧ୍ୟରେ ବୈଠକ ସରିଥିବା ବେଳେ ଏଯାଏଁ ପ୍ରଶାସନ ରଥଯାତ୍ରା ପ୍ରସ୍ତୁତି ବୈଠକ କରିନଥିବା ପ୍ରସଙ୍ଗରେ ସମସ୍ତେ ବିରକ୍ତିଭାବ ପ୍ରକାଶ କରିଥିଲେ। ଏସବୁ ସମସ୍ୟା ସମ୍ପର୍କରେ ସେବାୟତ, ପୂଜକ, ବ୍ରହ୍ମା, ମହାରଣା ଓ ଉନ୍ନୟନ କମିଟି ସଦସ୍ୟ ସମସ୍ତେ ସମ୍ମିଳିତ ଭାବେ ପ୍ରଶାସନକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ମନ୍ଦିର ଉନ୍ନତି, ନିତିକାନ୍ତି ଓ ପୂଜକମାନଙ୍କ ପେଟପାଟଣା କଥା ପ୍ରଶାସନ ବୁଝୁ ନଚେତ ରଥଯାତ୍ରା ଆଦାୟ ଅର୍ଥ ଏକ କମିଟି ଗଢି ତା ଦାୟିତ୍ୱରେ ଦେଉ ବୋଲି ଦାବି କରାଯାଇଥିଲା। ଶେଷରେ ପ୍ରଶାନ୍ତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଅକ୍ଷୟ ଦାସ, ସୂର୍ଯ୍ୟ ନାୟକ, ଗୌରୀ ପଣ୍ଡା, ଟୁକୁନା ରଥ, ସନ୍ତୋଶ ପଣ୍ଡା, ମିଲି ପାଢି, କୃଷ୍ଣ ପ୍ରସାଦ ମିଶ୍ର, ରବୀ ପଣ୍ଡା, ତିରୁପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ାରେ ପ୍ରାକ୍ ମୌସୁମୀ ବର୍ଷା; ବିହନ ଅପେକ୍ଷାରେ ଚାଷୀ

### ଜୁନ ୧୫ ସୁଦ୍ଧା ସମସ୍ତ ଚାଷୀଙ୍କୁ ମିଳିବ ବିହନ: ସିଡିଏଓ

ରାୟଗଡ଼ା,୨୬।୫(ସମିସ): ରାୟଗଡ଼ା ଜିଲ୍ଲାରେ ଗତ ଦୁଇ ଦିନ ଧରି ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଛି। ଯାହାକୁ ନେଇ ଚାଷ କାମ କରିବାକୁ ଜମିକୁ ପ୍ରସ୍ତୁତ କରିଥିବା ବେଳେ ବିହନ ଅପେକ୍ଷା ରହିଛନ୍ତି ଚାଷୀ। ଜିଲ୍ଲାର ଅନେକ ପ୍ୟାକ୍ସ ମାଧ୍ୟମରେ ସରକାରୀ ବିହନ ପହଞ୍ଚି ସାରିଥିବା ନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରକାଶ କରିଥିବା ବେଳେ ଅନେକ ବ୍ଲକ ତଥା ପଞ୍ଚାୟତରେ ବିହନ ମିଳି ନଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଆସନ୍ତା ଜୁନ୍ ମାସ ଶେଷ ସୁଦ୍ଧା ରାୟଗଡ଼ା ଜିଲ୍ଲାରେ ଖରିଫ ଋତୁ ଧାନ ରୁଆ ପାଇଁ ଚାଷୀମାନେ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ଚାଷୀମାନଙ୍କ ପାଖରେ ଏବେ ମଧ ସଂପୂର୍ଣ୍ଣ ଭାବେ ସରକାରୀ ଧାନ ବିହନ ଫହଚି ପାରି ନ ଥିବା ଶୁଣିବାକୁ ମିଳୁଛି। ଜିଲ୍ଲାରେ ଥିବା ୨୦ରୁ ୨୨ଜଣ ଡିଲରଙ୍କ ମଧ୍ୟରୁ ଅନେକ ଡିଲର ଏଯାଏଁ ଟଙ୍କା ଜମା କରି ନଥିବାରୁ ଅନେକାଂଶରେ ସରକାରୀ ବିହନ ସେମାନଙ୍କ ଠାରେ ମଧ ଅଭାବ ରହିଥିବା କିଛି ଚାଷୀ କହିଛନ୍ତି। ଚଳିତ ବର୍ଷ ବିହନ ପ୍ୟାକେଟ୍ ୮୨୫ଟଙ୍କା ପଡୁଥିବାରୁ ପ୍ୟାକ୍ସ ନଚେତ ନିଜଠାରେ ସଂରକ୍ଷିତ ଥିବା ବିହନକୁ ନେଇ ଚାଷ କାମ ଆରମ୍ଭ କରିବାକୁ ଚାଷୀମାନେ ଚିନ୍ତା କରୁଛନ୍ତି। ଚଳିତ ବର୍ଷ ରାୟଗଡ଼ା ଜିଲ୍ଲା ନିମନ୍ତେ ୯ ହଜାର କ୍ୱିଣ୍ଟାଲ ଧାନ ବିହନ ସରକାରଙ୍କ ବିହନ ନିଗମ ତରଫରୁ ଯୋଗାଇ ଦିଆଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁପ୍ରସାଦ କର ସୂଚନା ଦେଇଛନ୍ତି। ଗତ ୨୦୨୪ ଖରିଫ ଋତୁର ଧାନ ଚାଷ ପାଇଁ ୭୮୦୦କ୍ୱିଣ୍ଟାଲ ଧାନ ବିହନ ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୭୯୭୨.୬ କ୍ୱିଣ୍ଟାଲ ଧାନ ବିହନ ବର୍ଣ୍ଟନ ହୋଇଥିଲା। ସେହିପରି ଗତ ୨୦୨୩ ବର୍ଷରେ ଯୋଗାଣ ଲକ୍ଷ୍ୟ ୧୦୪୬୦ କ୍ୱିଣ୍ଟାଲ ଥିବା ବେଳେ ୧୨୬୪୩ କ୍ୱିଣ୍ଟାଲ ଧାନ ବିହନ ଯୋଗାଣ ହୋଇଥିବା ବିଭାଗୀୟ ତଥ୍ୟରୁ ପ୍ରକାଶ ହୋଇଛି। ରାୟଗଡ଼ା ଜିଲ୍ଲାରେ ଖରିଫ ଋତୁ ୨୦୨୪ ନିମନ୍ତେ ୪୦ ହଜାର ହେକ୍ଟରରେ ଧାନ ଫସଲ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୪୧୨୮୭ ହେକ୍ଟର ଲକ୍ଷ୍ୟ ହାସଲ ହୋଇପାରିଥିଲା। ସେହିପରି ୪୧୫୬୧ହେକ୍ଟରରେ ଶସ୍ୟ ଜାତୀୟ,୨୫୯୨୫ହେକ୍ଟରରେ ଡାଲି ଜାତୀୟ,୬୧୫୧ହେକ୍ଟରରେ ତୈଳ ବୀଜ, ୧୨୧୪୪ ହେକ୍ଟରରେ ପନିପରିବା, ୪୯୮୧୦ହେକ୍ଟରରେ କପା, ୨୮୩୯ ହେକ୍ଟରରେ ଝୋଟ ଓ ନଳିତା, ୩୭୦୪ହେକ୍ଟରରେ ମସଲା,୧୭୭ ହେକ୍ଟରରେ ଅନ୍ୟାନ୍ୟ ଫସଲ ସମେତ ମୋଟ ୧୮୩୫୯୮ହେକ୍ଟର ଚାଷ ଜମିରେ ଏଗୁଡିକ ଫସଲର ଲକ୍ଷ୍ୟ ହାସଲ କରାଯାଇଥିଲା। ତେବେ ଜଳ ସେଚନର ଅଭାବ ହେତୁ ରାୟଗଡ଼ା ଜିଲ୍ଲାରେ ରବି ଧାନ ଫସଲକୁ ଅଧିକ ଗୁରୁତ୍ୱ ଦିଆଯାଉ ନଥିବାରୁ ଚଳିତ ବର୍ଷ କେବଳ ୮୮୯୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ଜୁନ୍ ମାସ ପ୍ରଥମ ସପ୍ତାହ ସୁଦ୍ଧା ଯଦି ଜିଲ୍ଲାର ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସରକାରୀ ବିହନ ଯୋଗାଇ ଦିଆ ନଯାଏ, ତେବେ ଚଳିତ ବର୍ଷ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବାରେ ପ୍ରଶାସନ ବିଫଳ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

# ଶିଷ୍ଟ କରଣ ମହାସଂଘର ବନ୍ଧୁମିଳନ ଓ କର୍ମକର୍ତ୍ତା ଚୟନ




ମାଲକାନଗିରି,୨୬।୫ (ସମିସ): ମାଲକାନଗିରି ସଦର ମହକୁମା ସ୍ଥିତ ଏମ୍‌ଭି୨ ଗ୍ରାମ ନିକଟରେ ମାଲକାନଗିରି ଶିଷ୍ଟ କରଣ ମହାସେବା ସଂଘ ପକ୍ଷରୁ ବନ୍ଧୁମିଳନ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଗୋପୀକୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବଂଗତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଆର୍‌ବିଏନ୍ ପଟ୍ଟନାୟକ, ଉପସଭାପତି ଭାବେ ରବି ପଟ୍ଟନାୟକ, ସମ୍ପାଦକ ଭାବେ ନାଗେଶ୍ୱର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ଗୋପିକୃଷ୍ଣ ପଟ୍ଟନାୟକ, ସଂଗଠନ ସମ୍ପାଦକ ଭାବେ ଦୁର୍ଗା ପଟ୍ଟନାୟକ ମନୋନୀତ ହୋଇଥିଲେ। ଏହି ଅବସରରେ ମାଲକାନଗିରିରେ ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇ ଓଡିଶା ଆଦିବାସୀ ଉନ୍ନୟନ ବିଭାଗରେ କାର୍ଯ୍ୟରତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସମାଜସେବୀ ହେମଲତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉନ୍ନତି ସମେତ ନୂତନ ଗୃହ ପ୍ରତିଷ୍ଠା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଈଶ୍ୱର ପଟ୍ଟନାୟକଙ୍କ ନେତୃତ୍ୱରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ରାମ ପଟ୍ଟନାୟକ, ଶିକ୍ଷାବିତ ପ୍ରକାଶ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ରାମାରାଓ ପଟ୍ଟନାୟକ, ସାଇ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ଚକ୍ରଧର ପଟ୍ଟନାୟକ, ସୁରେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ୫ରୁ ଅଧିକ ଗାଡ଼ିର କାଚ ଭାଙ୍ଗିଲେ ଦୁର୍ବୃତ୍ତ

ଉମରକୋଟ,୨୬।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଅଧୀନ ମେଡିକାଲ ରୋଡ ଓ ଆଇଟିଆଇ ରୋଡରେ ବିଳମ୍ବିତ ରାତିରେ ସାହିର ୫ରୁ ଊର୍ଦ୍ଧ୍ୱ ଗାଡ଼ିର କାଚ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ରବିବାର ବିଳମ୍ବିତ ରାତିରେ ଗୋଟିଏ କାର ଓ ଟ୍ରକ, ଭଗବତୀ ନଗରର ତିନିଟି କାର୍‌ର କାଚ ଭାଙ୍ଗିଥିବା ସୂଚନା ମିଳିଛି। ଉମରକୋଟରେ ଦିନକୁ ଦିନ ଅପରାଧ ବଢ଼ିବା ସହ ମଦ୍ୟପଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ସହରରେ ଚୋରି ଡକାୟତି ହେଉଥିଲା, କିନ୍ତୁ ବର୍ତ୍ତମାନ ମଦ୍ୟପଙ୍କ ଉତ୍ପାତ ଦେଖିବାକୁ ମିଳିଛି। ମେଡିକାଲ ରୋଡ୍‌ରେ ଷ୍ଟ୍ରିଟଲାଇଟ୍ ଲାଗୁନି। ଏହାଛଡ଼ା ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉନି ଏବଂ ସହରରେ ଲାଗିଥିବା କୌଣସି ସିସିଟିଭି କ୍ୟାମରା କାମ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅନ୍ଧାର ରାସ୍ତା, ପୁଲିସ ପାଟୋଲିଂର ଅଭାବ ଓ କ୍ୟାମେରା ଅଚଳ ଯୋଗୁ ଏଭଳି ଘଟୁଛି ବୋଲି ଅଭିଯୋଗ କରିଛନ୍ତି ଉମରକୋଟ ନାଗରିକ ମଞ୍ଚ ସଦସ୍ୟ ତଥା ୧୧ ନମ୍ବର ୱାର୍ଡ କାଉନସିଲର ମୁନା ପାଢ଼ି। ଏଥିସହ ଉମରକୋଟ ସହରର ବିଭିନ୍ନ ଦୋକାନରେ ବେଆଇନ ଭାବରେ ନିଶାଦ୍ରବ୍ୟ ବିକ୍ରି ହେଉଛି। ଏହି କାରଣରୁ ସହରରେ ନିଶାଡ଼ିଙ୍କୁ ସହଜରେ ନିଶାଦ୍ରବ୍ୟ ମିଳି ଯାଉଛି ଏବଂ ସେମାନଙ୍କ ଦୌରାତ୍ମ୍ୟ ବଢ଼ିଥିବା ଅଭିଯୋଗ ହୋଇଛି। ଫଳରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ଗାଡ଼ିର କାଚ ଭଙ୍ଗା ଘଟଣା ପରେ ଉମରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅତିଶୀଘ୍ର ଅଭିଯୁକ୍ତଙ୍କୁ କାବୁ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ସାବିତ୍ରୀ ପାଳିଲେ ମହିଳା

ମାଲକାନଗିରି,୨୬।୫(ସମିସ):

ମାଲକାନଗିରି ଜିଲ୍ଲାରେ ସଧବା ମହିଳାମାନେ ସୋମବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଜିଲ୍ଲାସଦରରେ ଥିବା ଅନେକ ମନ୍ଦିର କିମ୍ବା ଚଉଁରା ମୂଳ ଓ ଅନେକ ମହିଳା ନିଜ ଘରେ ମଧ୍ୟରେ ପୂଜାର୍ଚ୍ଚନା କରି ବ୍ରତ ପାଳିଛନ୍ତି। ଏହି ଅବସରରେ ସତ୍ୟବାନ ଓ ସାବିତ୍ରୀଙ୍କ ପ୍ରତିମୂର୍ତ୍ତି କରି ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରିବା ସହ ନୂଆ ପୋଷାକ ଧାରଣ କରି ଫଳ ଆହାର କରୁଥିବା ଦେଖିବାକୁ ମିଳିଛି। ସାବିତ୍ରୀ ବ୍ରତକୁ ନେଇ ଫଳ ବଜାରରେ ବେସ ଚହଳ ଖେଳି ଯାଇଥିଲାଫ ଫଳ ଗୁଡିକର ଦରଦାମ ଆକାଶ ଛୁଆଁ ହୋଇଥିବାବେଳେ ବ୍ୟବସାୟୀମାନେ ଭଲ ଦୁଇ ପଇସା ରୋଜଗାର କରିଥିବା ଦେଖିବାକୁ ମିଳିଛି।



# ଘର ଭଙ୍ଗାକୁ ବିରୋଧ; ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ବୈପାରୀଗୁଡ଼ା,୨୬।୫(ସମିସ): ଜୋର୍ ଜବରଦସ୍ତ ଘର ଭଙ୍ଗାକୁ ବିରୋଧ କରିବାସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ବୈପାରୀଗୁଡ଼ା ବ୍ଲକ ଅଧୀନ ବୋଦାପୁଟ ପଞ୍ଚାୟତର ରାଉତଗୁଡ଼ା ଗାଁ ଲୋକେ ବୈପାରୀଗୁଡ଼ା ଥାନାରେ ପହଁଚି ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ, ଗତକାଲି ରାଉଲିଗୁଡ଼ାର ଜଗନ୍ନାଥ ମୁଣ୍ଡାଗୁଡ଼ିଆ, ପଦୁ ମୁଣ୍ଡାଗୁଡ଼ିଆ ଏବଂ ତାଙ୍କ ପରିବାର ଲୋକେ ରାଉତଗୁଡ଼ା ଗାଁରେ ପହଞ୍ଚି ଥିଲେ। ସେହି ଗାଁର ପ୍ରାୟ ୨୦ଟି ପରିବାର ଲୋକଙ୍କ ଘର ଭାଙ୍ଗିବା ଆରମ୍ଭ କରିଥିଲେ। ଏହାକୁ ଗାଁ ଲୋକେ ବିରୋଧ କରିବାରୁ ଏହି ଜାଗାଟି ଆମର କହି ଧମକଚମକ ଦେବାସହ ଝଗଡ଼ା କରିଥିଲେ। ଏଣୁ ସୋମବାର ରାଉତଗୁଡ଼ା ଗାଁର ପ୍ରାୟ ସମସ୍ତ ଲୋକେ ବୈପାରୀଗୁଡ଼ା ଥାନାରେ ପହଁଚି ସୁରକ୍ଷା ପାଇଁ ଗୁହାରୀ କରିଛନ୍ତି। ଏନେଇ ବୈପାରୀଗୁଡା ଥାନା ଅଧିକାରୀ ସଞ୍ଜୀୟ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଘଟଣାର ତଦନ୍ତ ଚାଲିଛି।

## ଆଦିବାସୀ ଚାଷୀଙ୍କ ବିହନ ଅଦଳବଦଳ ମେଳା

# ୪୦ରୁ ଊର୍ଦ୍ଧ୍ୱ ପ୍ରକାର ବିହନ ଅଦଳବଦଳ କଲେ ଚାଷୀ

ରାୟଗଡ଼ା,୨୬।୫(ସମିସ):

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅର୍ନ୍ତଗତ ମାଣ୍ଡିବିଶି ପଞ୍ଚାୟତରେ ସୋମବାର ବିହନ ଅଦଳବଦଳ ମେଳା ଆୟୋଜିତ ହୋଇଥିଲା। ଏହି ମେଳାରେ ଶତାଧିକ ଆଦିବାସୀ ଓ ଅନ୍ୟାନ୍ୟ ବର୍ଗର ଚାଷୀ ଏକାଠି ହୋଇ ନିଜ ନିଜ ଭିତରେ ପାରମ୍ପରିକ ଦେଶୀ ବିହନ ଅଦଳ ବଦଳ କରିଛନ୍ତି। ଚାଷୀମାନେ ପରସ୍ପର ଭିତରେ ପ୍ରାୟ ଚାଳିଶରୁ ଅଧିକ ପ୍ରକାର ଦେଶୀ ଧାନ, ମାଣ୍ଡିଆ ଜାତୀୟ, ଡାଲି ଜାତୀୟ, ତୈଳବୀଜ, ପନିପରିବା ଆଦି ବିହନ ଅଦଳବଦଳ କରିଥିଲେ। ଆଗାମୀ ଦିନରେ ପୁଣି ଥରେ ସେହି ପୁରୁଣା ବିହନ ଅଦଳବଦଳ ପ୍ରକ୍ରିୟାକୁ ଫେରାଇ ଆଣିବା ସହ ଏକ ସୁସ୍ଥ ସମାଜ ଗଠନ ପାଇଁ ଚାଷୀମାନେ ଚେଷ୍ଟା ଜାରି ରଖିବେ ବୋଲି ପ୍ରତିଶୃତିବଦ୍ଧ ହୋଇଥିଲେ। ଏହି ବିହନ ମେଳାରେ ଅନୁଷ୍ଠାନର ଅନିଲ ଲିମା, ଜଗନ୍ନାଥ ମାଝୀ, ବିଚିତ୍ର ବିଶ୍ୱାଳ, ବସୁନ୍ଧରା ସଂସ୍ଥାର ପ୍ରମୋଦ ପ୍ରଧାନ, ବିହନ ସଂରକ୍ଷକ ଲୋକନାଥ ନାଉରୀ, ଦୁଲାଲ୍ ଭଟ୍ଟାଚାର୍ଯ୍ୟ, ସିୱାଇଏସଡିର ସନ୍ତୋଷ ପରିଡା ପ୍ରମୁଖ ଯୋଗଦେଇ ଦେଶୀ ବିହନର ସଂରକ୍ଷଣ ଓ ଆଦାନ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଶିର୍ଲିଯୋଡି ଗ୍ରାମର ତିଲାଇ ମାଝୀ, କଂଟାମାଳର ସଂଜିତ ମାଝୀ, କେନ୍ଦୁଗୁଡ଼ାର କୁମି ମାଝୀ, ପ୍ରହ୍ଲାଦ ନାୟକ, କୁମାଖାଲର ଆଳମାଇ ମାଝୀ, ଆଲିଗୁନାର ଦିପଙ୍ଗଦେଇ ମାଝୀ ପ୍ରମୁଖ ଯୋଗ ଦେଇ ଆଦିବାସୀଙ୍କ ପାଇଁ ବିହନ ସଂରକ୍ଷଣ ଓ ବିହନ ମେଳାର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ।



## ● ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଜୋନ୍‌ସ୍ତରୀୟ ଚାମ୍ପିଅନ୍‌ସିପ୍

# ମାଲକାନଗିରି ଜିଲ୍ଲାର ୨୪ ଜଣିଆ ଦଳର ବ୍ରହ୍ମପୁର ଗସ୍ତ

ମାଲକାନଗିରି,୨୬।୫(ସମିସ): ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଜୋନ୍‌ସ୍ତରୀୟ ଚାମ୍ପିଅନସିପ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ ତାରିଖରୁ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମ୍ୟାଚରେ ଅଂଶ ଗ୍ରହଣ କରିବା ପାଇଁ ମାଲକାନଗିରି ଜିଲ୍ଲାର ୨୪ ଜଣିଆ ଖେଳାଳି ଦଳ ବ୍ରହ୍ମପୁର ଗସ୍ତ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା ଅଥଲେଟିକ ସଂଘର ସମ୍ପାଦକ ରାମହରି ପଣ୍ଡା, କୋଷାଧ୍ୟକ୍ଷ ପ୍ରସାଦି ରାଓ, ସହ ସମ୍ପାଦକ ଗୋପୀଗୃକୃଷ୍ଣ ପଟ୍ଟନୟକ ପ୍ରମୁଖ ସ୍ଥାନୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ଥାଉକି, ଗତ ଏପ୍ରିଲ ୭ତାରିଖରେ ମାଲକାନଗିରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜିଲ୍ଲାର ୭ଟି ବ୍ଲକର ୮ ଟି ଦଳକୁ ନେଇ ମୁଖ୍ୟମନ୍ତ୍ରୀ ଟ୍ରଫିର ଜିଲ୍ଲାସ୍ତରୀୟ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ୮ଟି ଦଳର ୫୦ ଜଣ ଉତ୍ତମ ଖେଳାଳିଙ୍କୁ ଚୟନ କରି ଜିଲ୍ଲାର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ତାଲିମ ପ୍ରଦାନ ପରେ ଉତ୍ତମ ପ୍ରଦର୍ଶନ କରୁଥିବା ୨୪ ଖେଳାଳିଙ୍କୁ ଚୟନ କରି ଏହି ଜୋନ୍‌ସ୍ତରୀୟ ଖେଳ ପାଇଁ ପଠାଯାଇଛି। ଆସନ୍ତା ୩ ତାରିଖ ଯାଏଁ ଏହି ଜୋନ୍‌ସ୍ତରୀୟ ଖେଳ ଜାରି ରହିବ ବୋଲି ସମ୍ପାଦକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।



